୧୮ ଜାନୁଆରୀ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ଜିହାଦରେ ଶହିଦ୍ ହେବାକୁ ପ୍ରକୃତ ସନ୍ତୋଷ ଓ ଉଲ୍ଲାସ ମନେକରୁଥିଲେ । ଅତ୍ୟନ୍ତ ଭାଗ୍ୟବାନ ସେହିମାନେ, ବିଶେଷ କରି ହଜରତ ଆମିର ବିନ୍ ଫୁହେରା ଯାହାଙ୍କୁ ହଜରତ ଅବୁବକର ଓ ମହାପୁରୁଷ ହଜରତ ମହମ୍ମଦ ସ.ଆଙ୍କ ସେବା ଓ ଆପଣଙ୍କ ସାଥିରେ ହିଜରତ୍ (ପ୍ରବାସ) କରିବାର ସୌଭାଗ୍ୟ ପ୍ରାପ୍ତି ହେଲା । ଏମାନେ ବିଶ୍ୱସ୍ତତାର ପ୍ରତିମୂର୍ତ୍ତୀ ଥିଲେ, ଯେ ସମସ୍ତ ପ୍ରକାର ପରିସ୍ଥିତିରେ ବିଶ୍ୱସ୍ତତା ପ୍ରଦର୍ଶନ କଲେ । ଅଲ୍ଲାଃତାଲା ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରିଚାଲନ୍ତୁ । ହଜରତ ମହମ୍ମଦ ସ.ଆଙ୍କର ଶ୍ରେଷ୍ଠତମ ବଦରୀ ସାହାବୀ ହଜରତ ଆମିର ବିନ୍ ଫୁହେରା ର.ଅଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱର ଅ.ବ କହିଲେ- ଆଜି ମୁଁ ହଜରତ ଆମିର ବିନ୍ ଫୁହେରା ର.ଅଙ୍କ ଚର୍ଚ୍ଚା କରିବି । ତାଙ୍କ କୁନିୟତ୍ (ଉପନାମ) ଅବୁ ଉମରୋ ଥିଲା । ସେ ଅଯଦ୍ ଗୋଷ୍ଠୀର ଥିଲେ ଏବଂ ହଜରତ ଆଏଶା ର.ଆଙ୍କ ଅଖୟାଫି(ପିତା ଅଲଗା ଅଲଗା କିନ୍ତୁ ଗୋଟିଏ ମା'ର ଔରଷରୁ ଜନ୍ମିତ ସନ୍ତାନ) ଭାଇ ତୁଫେଲ୍ ବିନ୍ ଅବଦୁଲ୍ଲାଃଙ୍କ ଦାସ ଥିଲେ । ସେ ପ୍ରାରମ୍ଭିକ ବିଶ୍ୱାସକାରୀଙ୍କ ମଧ୍ୟରେ ସାମିଲ ଥିଲେ, ହଜୁର ସ.ଆଙ୍କ ଦା'ରେ ଅରକମ୍‌ରେ ଯିବା ପୂର୍ବରୁ ଇସଲାମ ସ୍ୱୀକାର କରିନେଇଥିଲେ । ସେ ହଜରତ ଅବୁବକର ର.ଅଙ୍କ ଛେଳି ଚରାଉଥିଲେ । ଇସଲାମ ସ୍ୱୀକାର କରିବା ଅନ୍ତେ ଅମାନ୍ୟକାରୀମାନେ ତାଙ୍କ ଉପରେ ବହୁ ଅତ୍ୟାଚାର କରୁଥିଲେ । ବସ୍ତୁତଃ ହଜରତ ଅବୁବକର ର.ଅ ତାଙ୍କୁ କ୍ରୟ କରି ସ୍ୱାଧିନ କରିଦେଲେ । ମଦିନା ପ୍ରବାସ ସମୟରେ ହଜୁର ସ.ଆ ଓ ହଜରତ ଅବୁବକର ଗାରେ ସୋର (ଗୁମ୍ଫା)ରେ ଶରଣ ନେଇଥିଲେ, ହଜରତ ଅବୁବକର ତାଙ୍କୁ ଆଦେଶ ଦେଇଥିଲେ କି ଛେଳିମାନଙ୍କୁ ଚରାଇ ଚରାଇ ଆମ ନିକଟକୁ ନେଇ ଆସିବ । ଆପଣ ଦିନ ସାରା ଛେଳି ଚରାଉ ଥିଲେ ଏବଂ ସନ୍ଧ୍ୟା ସମୟରେ ହଜରତ ଅବୁବକରଙ୍କ ଛେଳିମାନଙ୍କୁ ଗାରେ ସୋର ନିକଟକୁ ନେଇଯାଉଥିଲେ । ଫଳରେ ସ୍ୱୟଂ ହଜୁର ସ.ଆ ଓ ହ. ଅବୁବକର ଉଭୟେ ଛେଳିମାନଙ୍କ ଠାରୁ ଖିର ସଂଗ୍ରହ କରିନେଉଥିଲେ । ଯେତେବେଳେ ଅବଦୁଲ୍ଲାଃ ବିନ୍ ଅବୁବକର ସେମାନଙ୍କୁ ସାକ୍ଷାତ କରିବାକୁ ଯାଉଥିଲେ, ତାଙ୍କ ପଛପଛେ ଆମିର ବିନ୍ ଫୁହେରା ଯାଇ ତାଙ୍କ ପାଦଚିହ୍ନ ଅନ୍ତରିତ କରିଦେଉଥିଲେ । ଯେତେବେଳେ ହଜୁର ସ.ଆ ଓ ହଜରତ ଅବୁବକର ଗାରେ ସୋରରୁ ମଦିନା ଅଭିମୁଖେ ବାହାରିଲେ ସେତେବେଳେ ଆମିର ବିନ୍ ଫୁହେରା ମଧ୍ୟ ତାଙ୍କ ସାଥିରେ ପ୍ରବାସ କରିଥିଲେ । ହ. ଅବୁବକର ତାଙ୍କୁ ନିଜ ପଛରେ ବସାଇ ଦେଇଥିଲେ । ସେତେବେଳେ ତାଙ୍କ ମାର୍ଗଦର୍ଶନ ନିମନ୍ତେ ବନୁ ଅଦିଲ୍‌ର ଜଣେ ଅମାନ୍ୟକାରୀ ବ୍ୟକ୍ତି ଥିଲା । ହଜରତ ଆମିର ବିନ୍ ଫୁହେରା ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ ଏବଂ ବଏ'ରେ ମାଉନା ଘଟଣାରେ ମାତ୍ର ୪୦ବର୍ଷ ବୟସରେ ତାଙ୍କୁ ଶହିଦ୍ କରିଦିଆ ଯାଇଥିଲା ।

ହଜରତ ଅବୁବକର ର.ଅ ପ୍ରବାସ କରିବା ପୂର୍ବରୁ ୭ଜଣ କ୍ରୀତଦାସ ସ୍ୱାଧିନ କରିଥିଲେ । ଯେଉଁମାନଙ୍କୁ ଇସଲାମ ସ୍ୱୀକାର କରିବା ହେତୁ କଷଣ ଦିଆଯାଉଥିଲା । ସେମାନଙ୍କ ମଧ୍ୟରେ ହଜରତ ବିଲାଲ ଓ ହଜରତ ଆମିର ବିନ୍ ଫୁହେରା ମଧ୍ୟ ସାମିଲ୍ ଥିଲେ । ପ୍ରବାସର ଘଟଣା ଚର୍ଚ୍ଚା କରି ହଜରତ ଆଏଶା ର.ଅ କୁହନ୍ତି-

ଦିନେ ଆମେ ଘରେ ବସିଥିଲୁ କି ଜଣେ ବ୍ୟକ୍ତି ଆସି ମୋ ପିତାଙ୍କୁ କହିଲେ ହଜରତ ମହମ୍ମଦ ସ.ଆ ମୁଣ୍ଡରେ କପଡ଼ା ବାନ୍ଧି ଆଗମନ କରୁଛନ୍ତି । ଏତିକିବେଳେ ହଜୁର ସ.ଆ ଆସି ଆମ ଘରେ ଉପସ୍ଥିତ ହୋଲେ ଏବଂ ଭିତରକୁ ଆସିବାର ଅନୁମତି ମାଗିଲେ । ମୋ ପିତା ହଜୁରଙ୍କୁ ଭିତରକୁ ଆସିବାକୁ ନିବେଦନ କଲେ, ହଜୁର ଭିତରକୁ ପ୍ରବେଶ କରି କହିଲେ ମୋତେ ପ୍ରବାସ କରିବାର ଅନୁମତି ମିଳିଯାଇଛି । ମୋ ପିତା କହିଲେ ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ! ହଜୁର ମୋତେ ମଧ୍ୟ ନିଜ ସାଥିରେ ନେଇଚାଲନ୍ତୁ । ହଜୁର ସ.ଆ ଉତର ଦେଲେ ହଁ ତୁମେ ମୋ ସାଥିରେ ଚାଲ । ହଜରତ ଅବୁବକର ପୁନଶ୍ଚ କହିଲେ ମୋ ମାତାପିତା ଆପଣଙ୍କ ଉପରେ ଉତ୍ସର୍ଗ ! ହଜୁର (ଯାତ୍ରା କରିବା ନିମନ୍ତେ) ମୋର ଏହି ଦୁଇଟି ଓଟ ମଧ୍ୟରୁ ଗୋଟିଏ ଆପଣ ନେଇଯାନ୍ତୁ । ହଜୁର ସ.ଆ ଉତର ଦେଲେ ତେବେ ମୁଁ ଓଟର ମୂଲ୍ୟ ପ୍ରଦାନ କରି ନେବି । ହଜରତ ଆଏଶା କୁହନ୍ତି ଅତଏବ ଆମେ

ଶିଘ୍ର ଶିଘ୍ର ଦୁହିଁଙ୍କ ଆବଶ୍ୟକ ସାମଗ୍ରୀ ବାନ୍ଧିଲୁ ଏବଂ ବାଟରେ ଖାଇବା ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରି ଚମଡ଼ା ଥଳିରେ ରଖିଦେଲୁ । ହଜରତ ଅବୁବକରଙ୍କ ପୁତ୍ରି ହଜରତ ଅସ୍‌ମା ନିଜ ଅଣ୍ଟା ସୁତାର ଏକ ଟୁକୁଡ଼ା କାଟି ଥଳିର ମୁହଁ ବାନ୍ଧିଦେଲେ । ବସ୍ତୁତଃ ତାଙ୍କ ନାମ ଜାତୁନ୍ ନତାକ୍ (ଦୁଇଟି ଧଡ଼ୀଧାରୀ ମହିଳା) ପଡ଼ିଗଲା । ଆପଣ କୁହନ୍ତି ତାପରେ ହଜୁର ସ.ଆ ଓ ହଜରତ ଅବୁବକର ର.ଅ ସୋର ପାହାଡ଼ର ଏକ ଗୁମ୍ଫାରେ ପହଁଚିଗଲେ ଏବଂ ସେଠାରେ ତିନି ରାତି ଅତିବାହିତ କଲେ । ହଜରତ ଅବଦୁଲ୍ଲାଃ ବିନ୍ ଅବୁବକର ସେମାନଙ୍କ ସାଥିରେ ରାତି ବିତାଉ ଥିଲେ ଏବଂ ଅନ୍ଧାର ଦୂରିଭୂତ ହେବା ପୂର୍ବରୁ ସଅଳ ସଅଳ ଫେରିଆସୁଥିଲେ ଏବଂ କୁରୈଶଙ୍କ ମଧ୍ୟରେ ସୂର୍ଯ୍ୟୋଦୟ ଦେଖୁଥିଲେ, ଯେପରି ସେମାନଙ୍କୁ ପ୍ରତୀତ ହେବ କି ସେ ମକ୍କାରେ ହିଁ ରାତି ଅତିବାହିତ କରିଛନ୍ତି । ହଜରତ ମହମ୍ମଦ ସ.ଆ ଓ ହଜରତ ଅବୁବକର ବନୁ ଅଦିଲ୍ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ବାଟ ଦେଖାଇବା ନିମନ୍ତେ ବେତନ ଦେଇ ରଖିନେଇଥିଲେ ଏବଂ ସେ ବନୁ ଅବ୍‌ଦ ବିନ୍ ଅଦି ମଧ୍ୟରୁ ଥିଲେ । ବାଟ ଦେଖାଇବାରେ ବେଶ୍ ପାରଙ୍ଗମ ଥିଲା ଏବଂ କୁରୈଶର ଅମାନ୍ୟକାରୀଙ୍କ ସହଧର୍ମୀ ଥିଲା । ହଜୁର ସ.ଆ ଓ ହଜରତ ଅବୁବକର ତାହା ଉପରେ ବିଶ୍ୱାସ କଲେ ଏବଂ ପୂର୍ବରୁ ନିଜ ବାହନ (ଓଟ) ତାହାକୁ ପ୍ରଦାନ କରିଦେଇଥିଲେ । ତାହା ସହ ଏହି ଚୁକ୍ତି ହୋଇଥିଲା କି ତିନି ଦିନପରେ ଚତୁର୍ଥଦିନ ସକାଳୁ ହଜୁର ସ.ଆ ଓ ହ. ଅବୁବକର ର.ଅଙ୍କ ଓଟ ନେଇ ସୋର ଗୁମ୍ଫା ନିକଟରେ ପହଁଚିଯିବ । ଆମିର ବିନ୍ ଫୁହେରା ଉକ୍ତ ତିନି ଜଣଙ୍କ ସାଥିରେ ପ୍ରବାସ କଲେ, ବାଟ ଦେଖାଳି ତାଙ୍କୁ ସମୁଦ୍ର କୂଳେ କୂଳେ ନେଇ (ମଦିନା) ଚାଲିଗଲେ ।

ସୁରାକା ବିନ୍ ମାଲିକ୍ ବିନ୍ ଜୋଶମ୍ କୁହନ୍ତି ଆମ ନିକଟକୁ କୁରୈଶର ପ୍ରତିନିଧି ଆସିଲେ ଯେ ହଜୁର ସ.ଆ ଓ ହ. ଅବୁବକର ର.ଅଙ୍କୁ ମୃତ ଅବା ଜୀବିତ ବନ୍ଦୀ କରି ଆଣିବା ବ୍ୟକ୍ତିଙ୍କୁ ପୁରସ୍କାର ଦେବାର ମୂଲ୍ୟ ଧାର୍ଯ୍ୟ କଲେ । ମୁଁ ନିଜ ଗୋଷ୍ଠୀ ବନୁ ମଦଲଜ୍‌ର ବୈଠକରେ ବସିଥିଲି କି ଏତିକିବେଳେ ଜଣେ ବ୍ୟକ୍ତି ଆସି କହିଲା ସୁରାକା ! ବର୍ତ୍ତମାନ ମୁଁ ସମୁଦ୍ର କୂଳରେ କିଛି ଲୋକ ଯାତ୍ରା କରୁଥିବାର ଛାଇ ଦେଖିଲି ଏବଂ ମୁଁ ମଣୁଅଛି କି ସମ୍ଭବତଃ ସେ ମହମ୍ମଦ ସ.ଆ ଓ ତାଙ୍କ ସାଥି ଅଟନ୍ତି । ସୁରାକା କୁହନ୍ତି କିଛି ସମୟ ପରେ ମୁଁ ଉଠିଲି ଏବଂ ନିଜ ଘରକୁ ଯାଇ ନିଜ ଦାସୀକୁ କହିଲି ମୋ ଘୋଡ଼ା ବାହର କର । ସୁତରାଂ ସେ ତୀବ୍ର ବେଗରେ ଦୌଡ଼ି ମୋତେ ନେଇଗଲା ଏବଂ ଯେତେବେଳେ ମୁଁ ହଜୁର ସ.ଆଙ୍କ ନିକଟରେ ପହଁଚିଲି ସେତେବେଳେ ମୋ ଘୋଡ଼ା ଏପରି ଝୁଣ୍ଟିଲା କି ମୁଁ ତାହା ଉପରୁ ଖସିପଡ଼ିଲି । ମୁଁ ଉଠି ଛିଡ଼ା ହୋଇ ନିଜ ତୀରଥଳିରୁ ତୀର ବାହର କରି ନିଜ ଭାଗ୍ୟ ପରୀକ୍ଷା (ଫାଲ୍) କଲି କି ମୁଁ ଏମାନଙ୍କୁ ହାନି ପହଁଚାଇ ପାରିବି ଅବା ନାହିଁ, କିନ୍ତୁ ଫାଲ୍ ମୋ ବିରୁଦ୍ଧରେ ବାହାରିଲା । ମୁଁ ପୁନଃ ନିଜ ଘୋଡ଼ା ଉପରେ ଚଢିଗଲି ଏବଂ ଫାଲ୍ ବିପରୀତ ଅମଳ କଲି । ଘୋଡ଼ା ତୀବ୍ର ବେଗରେ ଦୌଡ଼ି ମୋତେ ନେଇ ହଜୁର ସ.ଆଙ୍କ ଏତେ ନିକଟରେ ପହଁଚାଇଦେଲା କି ମୁଁ ହଜୁର ସ.ଆଙ୍କୁ ପବିତ୍ର କୁରଆନ ପାଠ କରୁଥିବାର ଶୁଣିଲି । ହଜୁର ସ.ଆ ଏଣେତେଣେ ଦେଖୁ ନଥିଲେ କିନ୍ତୁ ହ. ଅବୁବକର ର.ଅ ବାରମ୍ବାର ପଛକୁ ଚାହିଁ ଦେଖୁଥିଲେ । ଏତିକିବେଳେ ମୋ ଘୋଡ଼ାର ଆଗ ଗୋଡ଼ ଭୂଇଁରେ ଆଣ୍ଠୁ ପର୍ଯ୍ୟନ୍ତ ଧସିଗଲା ଏବଂ ମୁଁ ଗଳି ତଳେ ପଡ଼ିଗଲି । ମୁଁ ପୁନର୍ବାର ତୀର କାଢି ନିଜ ଭାଗ୍ୟ ପରୀକ୍ଷା କଲି କିନ୍ତୁ ତାହା ମଧ ମୋ ଆଶା ବିପରୀତ ବାହାରିଲା ଅର୍ଥାତ ଏହି କି ଯେ ମୁଁ ହଜୁର ସ.ଆଙ୍କ ଉପରେ କୃତିତ୍ୱ ହାସଲ କରିପାରିବି ନାହିଁ । ସେତେବେଳେ ମୁଁ ତାଙ୍କୁ କହିଲି ତୁମେ ମୋ ତରଫରୁ ସୁରକ୍ଷିତ, ମୁଁ ତୁମର କୌଣସି କ୍ଷତି କରିବି ନାହିଁ ଏଥିରେ ସେମାନେ ଅଟକିଗଲେ । ସେମାନଙ୍କ ନିକଟରେ ପହଁଚିବାକୁ ମୋତେ ଯେଉଁ ବାଧକମାନ ବିଘ୍ନ ଘଟାଇଥିଲେ, ସେଗୁଡ଼ିକୁ ଦେଖି ମୋ ମନରେ ଭାବନା ଉଙ୍କିମାରିଲା କି ନିଶ୍ଚିତ ରୂପେ ହଜୁର ସ.ଆ ଖ୍ୟାତି ଅର୍ଜନ କରିବେ । ମୁଁ ହଜୁର ସ.ଆଙ୍କୁ ଅମାନ୍ୟକାରୀଙ୍କ ସମସ୍ତ ମନ୍ଦ ମନ୍ତ୍ରଣା ସମ୍ବନ୍ଧରେ ଅବଗତ କଲି । ହଜୁର ମୋତେ କହିଲେ ଆମ ଯାତ୍ରାର ଖବର ଗୁପ୍ତ ରଖିବ । ମୁଁ ହଜୁର ସ.ଆଙ୍କ ନିକଟରେ ନିବେଦନ କଲି ଅଧମ ପାଇଁ ସୁରକ୍ଷାର ପତ୍ର ଲେଖିଦିଅନ୍ତୁ । ହଜୁର ସ.ଆ ଆମିର ବିନ୍ ଫୁହେରାଙ୍କୁ କହିଲେ, ସୁରାକାଙ୍କ ପାଇଁ ସୁରକ୍ଷା ପ୍ରଦାନକାରୀ ମାନପତ୍ର ଲେଖିଦିଅ । ଅତଏବ ସେ ଚମଡ଼ାର ଏକ ଟୁକୁଡ଼ାରେ ଲେଖିଦେଲେ । ଏଥିଅନ୍ତେ ହଜୁର ସ.ଆ ନିଜ ପଥରେ ଚାଲିଗଲେ ।

ମଦିନାରେ ମୁସଲମାନମାନେ ଶୁଣି ନେଇଥିଲେ କି ହଜୁର ସ.ଆ ମକ୍କା ଛାଡ଼ି ବାହାରି ପଡ଼ିଛନ୍ତି ଏଣୁ ସେମାନେ ପ୍ରତ୍ୟେକ ଦିନ ସକାଳୁ ହର୍‌ରା ପଡ଼ିଆକୁ ଯାଇ ଆପଣଙ୍କ (ଆଗମନର) ପ୍ରତିକ୍ଷା କରୁଥିଲେ, ଏପରିକି ମଧ୍ୟାହ୍ନର ଉତପ୍ତ ଗ୍ରୀଷ୍ମ ତାପ ଯୋଗୁଁ ଫେରିଆସୁଥିଲେ । ଦିନେ ଜଣେ ୟହୁଦି କିଛି ଦେଖିବା ନିମନ୍ତେ ନିଜ ଘରର ଛାତ ଉପରେ ଚଢିବାରୁ, ଦେଖିବାକୁ ପାଇଲେ କି ହଜୁର ସ.ଆ ଓ ଆପଣଙ୍କ ସାଥି ଆଗମନ କରୁଛନ୍ତି । ଉକ୍ତ ୟହୁଦି ଜଣକ ନିଜକୁ ରୋକି ନପାରି ଉଚ୍ଚ ଶ୍ୱରରେ କହିଉଠିଲେ ହେ ଆରବବାସୀ ଅର୍ଥାତ ମଦିନାବାସୀ ! ଏ ତୁମର ସରଦାର ଯାହାଙ୍କର ତୁମେ ପ୍ରତିକ୍ଷା କରୁଥିଲ । ଏହା ଶୁଣିବା ମାତ୍ରେ ମୁସଲମାନମାନେ

ଉଠି ନିଜ ଅସ୍ତ୍ରଶସ୍ତ୍ର ଆଡ଼କୁ ଧାଇଁଲେ ଏବଂ ହର୍‌ରା ପଡ଼ିଆରେ ହଜୁର ସ.ଆଙ୍କୁ ପାଛୋଟି ନେଲେ । ହଜୁର ସ.ଆ ସେମାନଙ୍କୁ ସାଥିରେ ନେଇ ନିଜ ଦକ୍ଷିଣ ପାର୍ଶ୍ୱକୁ ବୁଲିଯାଇ ବନୁ ଉମରୋ ବିନ୍ ଅଓ୍ୱଫ୍‌ଙ୍କ ସାହିରେ ଅବସ୍ଥାନ କଲେ ଏବଂ ତାହା ସୋମବାର ଦିନ, ରବିଉଲ୍ ଅଓ୍ୱଲ ମାସ ଥିଲା । ହଜୁର ସ.ଆ ବନୁ ଉମରୋ ବିନ୍ ଅଓ୍ୱଫ୍‌ଙ୍କ ସାହିରେ ୧୦ରୁ କିଛି ଅଧିକ ଦିନ ରହିଲେ ଏବଂ ସେହି ମସଜିଦ୍ ନିର୍ମାଣ କଲେ ଯାହାର ଭିତିଭୂମି ଧର୍ମପରାୟଣତା ଉପରେ ପ୍ରତିଷ୍ଠିତ ଥିଲା ଏବଂ ସେଠାରେ ହଜୁର ସ.ଆ ନମାଜ ପାଠ କରାଇଲେ । ତାପରେ ହଜୁର ନିଜ ଓଟ ଉପରେ ଆରୋହଣ କଲେ ଏବଂ ଲୋକେ ଆପଣଙ୍କ ପଛପଛେ ଚାଲିଆସୁଥିଲେ ଏବଂ ଉକ୍ତ ଓଟ ମଦିନାର ସେହି ସ୍ଥାନରେ ଯାଇ ବସିପଡ଼ିଲା ଯେଉଁଠାରେ ବର୍ତମାନ ମସଜିଦ୍ ନବୀ ଅବସ୍ଥିତ । ସେତେବେଳେ କିଛି ମୁସଲମାନ ନମାଜ ପାଠ କରୁଥିଲେ ଏବଂ ତାହା ସହିଲ୍ ଓ ସହଲଙ୍କ ଖଜୁର ସୁଖାଇବା ସ୍ଥାନ ଥିଲା । ହଜୁର ସ.ଆ ଉକ୍ତ ଯୁବକଦ୍ୱୟଙ୍କୁ ଡ଼କାଇ ପଠାଇଲେ ଏବଂ ତାଙ୍କୁ ଉକ୍ତ ସ୍ଥାନର ମୂଲ୍ୟ ପଚାରିଲେ ଯଦ୍ୱାରା ସେଠାରେ ମସଜିଦ୍ ନିର୍ମାଣ କରାଯାଇପାରିବେ । ସେମାନେ କହିଲେ ହଜୁର ଆମେ ଆପଣଙ୍କୁ ଉକ୍ତ ଜମି ମାଗଣାରେ ପ୍ରଦାନ କରୁଛୁ । ହଜୁର ସ.ଆ ବିନା ମୂଲ୍ୟରେ ଜମି କଲେ ନାହିଁ ବରଂ ତାଙ୍କୁ ମୂଲ୍ୟ ପ୍ରଦାନ କରି ସେଠାରେ ମସଜିଦ୍ ନିର୍ମାଣ କଲେ । ହଜୁର ସ.ଆ ମସଜିଦ୍ ନିର୍ମାଣ ସମୟରେ ଲୋକମାନଙ୍କ ସାଥିରେ ସ୍ୱୟଂ ଇଟା ବୋହିବାରେ ସାହାଯ୍ୟ କରୁଥିଲେ । ଇଟା ଉଠାଇବା ସମୟରେ ହଜୁର ଏହି ପଙ୍‌କ୍ତି ପୁନରାବୃତି କରୁଥିଲେ-

**ଅଲ୍ଲାଃହୁମ୍ମା ଇନ୍‌ନଲ୍ ଅଜରା ଅଜରଲ୍ ଆଖିରା ଫର୍‌ହିମିଲ୍ ଅନ୍‌ସାରା ଓ୍ୱଲ୍ ମୁହାଜିରା** ଅର୍ଥାତ ହେ ଅଲ୍ଲାଃ ପ୍ରକୃତ ପ୍ରତିଫଳ ତ ପରକାଳର ଅଟେ ଏଣୁ ତୁମେ ଅନସାର ଓ ମୁହାଜରିନ୍‌ଙ୍କ ସହିତ ଦୟା ଆଚରଣ କର ।

ହଜରତ ମୁସଲେହ ମଉଦ ର.ଅ ଏହି ପ୍ରବାସର ଘଟଣାକୁ ନିଜ ଭାଷାରେ କିଛି ଏପରି ରୂପେ ଉଲ୍ଲେଖ କରିଛନ୍ତି- ଯେତେବେଳେ ମକ୍କାବାସୀ ହଜୁର ସ.ଆଙ୍କୁ ଧରିବାରେ ଧରାଶାୟୀ ହୋଇ ଶେଷରେ ଘୋଷଣା କରିଦେଲେ କି ଯେ କେହି ହଜରତ ମହମ୍ମଦ ସ.ଆ ଅବା ହ. ଅବୁବକର ର.ଅଙ୍କୁ ଜୀବିତ ଅଥବା ମୃତ ଫେରାଇ ଆଣେ ତାହାକୁ ୧୦୦ଗୋଟି ଓଟ ପୁରସ୍କାର ଦିଆଯିବ ଏବଂ ଏହି ଘୋଷଣା ମକ୍କାର ଆଖପାଖ ଗୋଷ୍ଠୀମାନଙ୍କୁ ମଧ୍ୟ ପ୍ରେରଣ କରିଦିଆଗଲା । ଅତଏବ ସୁରକା ବିନ୍ ମାଲିକ୍ ଯେ ଜଣେ ଗାଁଉଲି ମୂଖିଆ ବ୍ୟକ୍ତି ଥିଲା, ଏହି ପୁରସ୍କାରର ଲାଳଷାରେ ହଜୁର ସ.ଆଙ୍କୁ ଧରିବାକୁ ବାହାରିଲା । ଖୋଜିଖୋଜି ସେ ମଦିନା ମାର୍ଗରେ ଦୁଇଗୋଟି ଓଟ ଆଗକୁ ବଢୁଥିବାର ଦେଖି ଜାଣିନେଲା କି ଏମାନେ ହିଁ ହଜରତ ମହମ୍ମଦ ସ.ଆ ଓ ତାଙ୍କ ସାଥି ଅଟନ୍ତି । ଅତଃ ସେ ନିଜ ଘୋଡ଼ା ତାଙ୍କ ପଛରେ ତୀବ୍ର ଗତିରେ ଦୌଡ଼ାଇ ହଜୁର ସ.ଆଙ୍କ ନିକଟରେ ପହଁଚିଗଲା କିନ୍ତୁ ରାସ୍ତାରେ ଘୋଡ଼ାକୁ ଆଘାତ ଲାଗିବାରୁ ସୁରାକା ଘୋଡ଼ା ଉପରୁ ଗଳି ତଳେପଡ଼ିଗଲା । ପରବର୍ତୀ ସମୟରେ ସୁରାକା ମୁସଲମାନ ହୋଇଯାଇଥିଲେ । ସେ ଉକ୍ତ ଘଟଣା ସ୍ୱୟଂ ବର୍ଣ୍ଣନା କରିଛନ୍ତି-

ଯେତେବେଳେ ଆମିର ବିନ୍ ଫୁହେରା ହଜୁର ସ.ଆଙ୍କ ନିର୍ଦ୍ଦେଶକ୍ରମେ ସୁରକ୍ଷା ପ୍ରଦାନ କରିବାର ସନ୍ଦେଶ ଲେଖି ସୁରାକାଙ୍କୁ ପ୍ରଦାନ କଲେ ଏବଂ ସେ ପ୍ରତ୍ୟାବର୍ତନ କରିବାକୁ ବାହାରିଲେ ସଙ୍ଗେସଙ୍ଗେ ଅଲ୍ଲାଃତାଲା ସୁରାକାଙ୍କ ଆଗତ ଅବସ୍ଥା ସମ୍ପର୍କରେ ହଜୁର ସ.ଆଙ୍କୁ ଅବଗତ କଲେ । ହଜୁର ସ.ଆ ତାଙ୍କୁ କହିଲେ ହେ ସୁରାକା! ସେତେବେଳେ ତୁମର ଅବସ୍ଥା କ'ଣ ହେବ ଯେତେବେଳେ କିସରା (ଇରାନ ଦେଶ)ର ମହାବଳୀ ସମ୍ରାଟଙ୍କର କଙ୍କଣ ତୁମ ହାତରେ ଥିବ । ସୁରାକା ଆଚମ୍ଭିତ ହୋଇ ପ୍ରଶ୍ନ କଲେ କିସରା ବିନ୍ ହର୍‌ମୟ, ଇରାନ ଦେଶର ସମ୍ରାଟଙ୍କର ? ହଜୁର ସ.ଆ ଉତର ଦେଲେ ହଁ । ଆପଣଙ୍କ ଏହି ଭବିଷ୍ୟବାଣୀ ପାଖାପାଖି ୧୬/୧୭ବର୍ଷ ଅନ୍ତେ ଅକ୍ଷରେ ଅକ୍ଷରେ ପୂରଣ ହେଲା । ସେତେବେଳେ ସୁରାକା ମୁସଲମାନ ହୋଇ ମଦିନା ଆସି ଯାଇଥିଲେ । ଇସଲାମର ଆଧିପତ୍ୟ ବିସ୍ତାର କରିବା ଦେଖି ଇରାନୀ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ଇସଲାମକୁ ଧ୍ୱଂସ କରିବା ପରିବର୍ତେ ମୁସଲମାନମାନଙ୍କ ହାତରେ ସ୍ୱୟଂ ଧୂଳିସାତ ହେଲେ । କିସରାର ରାଜଧାନୀ ମୁସଲମାନ ସୈନ୍ୟସାମନ୍ତଙ୍କ ଘୋଡ଼ାର ଟାପୁରେ ଧୂଳିସାତ ହେଲା ଏବଂ ଇରାନର ରାଜସ୍ୱ ମୁସଲମାନମାନଙ୍କ ଅଧିକାରଭୁକ୍ତ ହେଲା ଯେଉଁଥିରେ ସେହି କଡ଼ା (କଙ୍କଣ) ମଧ୍ୟ ଥିଲା ଯାହାକି ପରମ୍ପରା ମୁତାବକ ସମ୍ରାଟ ନିଜ ସିଂହାଶନରେ ବିରାଜିତ ହେବା ସମୟରେ ପରିଧାନ କରୁଥିଲେ । ହଜରତ ଉମର ର.ଆଙ୍କ ସମ୍ମୁଖରେ ଯେତେବେଳେ ଉକ୍ତ ରାଜସ୍ୱ ଆଣି ରଖାଗଲା ଏବଂ ସେ କିସରାର କଙ୍କଣ ଦେଖିଲେ ସେତେବେଳେ ଅଲ୍ଲାଃତାଲାଙ୍କ ଦିବ୍ୟବାଣୀ ତାଙ୍କ ଆଖି ଆଗରେ ଝଲକି ଉଠିଲା । ସେ ଆଦେଶ ଦେଲେ ସୁରାକାଙ୍କୁ ଡ଼ାକ, ସୁରାକା ଆସିଲେ ହଜରତ ଉମର ତାଙ୍କୁ ଆଦେଶ ଦେଲେ କିସରାର କଙ୍କଣ ପରିଧାନ କର । ସୁରାକା ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲଙ୍କ ଖଲିଫା ! ସୁନା ପିନ୍ଧିବା ତ ଜଣେ ମୁସଲମାନ ପାଇଁ ମନା ଅଟେ । ହଜରତ ଉମର କହିଲେ ଅଲ୍ଲାଃତାଲା ହଜରତ

ମହମ୍ମଦ ସ.ଆଙ୍କୁ ତୁମ ହାତରେ କିସରାର କଙ୍କଣ ପିନ୍ଧି ଥିବାର ଦେଖାଇଥିଲେ । **ତୁମେ ଏ କଙ୍କଣ ପରିଧାନ କରିବ ନା ମୁଁ ତୁମକୁ ଦଣ୍ଡ ଦେବି । ସୁରାକା ନିଜ ହସ୍ତରେ ଉକ୍ତ କଙ୍କଣ ପରିଧାନ କଲେ ଏବଂ ମୁସଲମାନମାନେ ଉକ୍ତ ଭବିଷ୍ୟବାଣୀକୁ ପୂରଣ ହେବାର ସ୍ୱଚକ୍ଷୁରେ ଅବଲୋକନ କଲେ ।**

ହଜୁର ଅନଓ୍ୱର ଅ.ବ କହିଲେ- ଯେତେବେଳେ ଆମିର ବିନ୍ ଫୁହେରା ପ୍ରବାସ କରି ମଦିନାରେ ପହଂଚିଲେ ସେତେବେଳେ ସେ, ହଜରତ ଅବୁବକର ଓ ହଜରତ ବିଲାଲ ରୋଗରେ ଆକ୍ରାନ୍ତ ହୋଇଗଲେ । ହଜୁର ସ.ଆଙ୍କ ଦୁଆ କରିବା ଫଳରେ ସେମାନେ ସୁସ୍ଥ ହେଲେ । ସେ ରୋଗରେ ଆକ୍ରାନ୍ତ ଥିବା ସମୟରେ ହଜରତ ଆଏଶା ତାଙ୍କୁ ଦେଖିବାକୁ ଯିବାକୁ ହଜୁର ସ.ଆଙ୍କୁ ଅନୁମତି ମାଗିବାରୁ ହଜୁର ସ.ଆ ତାଙ୍କୁ ଅନୁମତି ପ୍ରଦାନ କରିଥିଲେ ।

ସେମାନଙ୍କ ନିକଟରୁ ଫେରି ସେ ହଜୁର ସ.ଆଙ୍କ ଉକ୍ତ ସାହାବାଙ୍କ ସ୍ୱାସ୍ଥ୍ୟ ଓ ସେମାନଙ୍କ ଚିନ୍ତାଧାରା ସମ୍ବନ୍ଧରେ ଅବଗତ କଲେ । ହଜୁର ସ.ଆ ଆକାଶ ମାର୍ଗକୁ ଚାହିଁ ଦୁଆ କଲେ- **ଅଲ୍ଲାଃହୁମ୍ମା ହବ୍‌ବିବ୍ ଇଲୈନାଲ୍ ମଦିନତା କମା ହବ୍‌ବତା ଇଲୈନା ମକ୍କତା ଓ୍ୱ ଅଶ୍‌ଶଦା । ଅଲ୍ଲାଃହୁମ୍ମା ବାରିକ୍‌ଲନା ଫି ସାଇହା ଓ୍ୱ ଫିମୁଦ୍‌ଦିହା ଓ୍ୱନ୍‌କୁଲ୍ ଓ୍ୱ ବାହା ଇଲା ମାଇୟା** ଅର୍ଥାତ ହେ ଅଲ୍ଲାଃ ମଦିନାକୁ ଆମ୍ଭମାନଙ୍କ ନିମନ୍ତେ ଏଭଳି ପ୍ରିୟ କରିଦିଅ ଯେପରି ତୁମେ ମକ୍କାକୁ ଆମ୍ଭମାନଙ୍କ ନିମନ୍ତେ ପ୍ରିୟ କରିଦେଇଥିଲ ଅବା ତା'ଠାରୁ ବଳି । ହେ ଅଲ୍ଲାଃ ଆମମାନଙ୍କ ନିମନ୍ତେ ଏହାର ଖାଲଢିପ ଜମି ଓ ଏହାର ଦୂରଦୂରାନ୍ତରୁ ବରକତ୍ ପ୍ରଦାନ କର ଏବଂ ମଦିନାକୁ ଆମ୍ଭମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟକର ପରିବେଶ ବିଶିଷ୍ଟ ସ୍ଥାନ କରିଦିଅ ଏବଂ ଆମଠାରୁ ତାହାର ପ୍ରଦୂଷିତ ଜଳବାୟୁକୁ ଦୂରେଇ ଦିଅ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ଆମିର ବିନ୍ ଫୁହେରା ବଏରେ ମାଉନାର ଘଟଣାରେ ଶହିଦ୍ ହୋଇଥିଲେ । ହଜରତ ମୁସଲେହ ମଉଦ ର.ଅ ହଜରତ ଆମିର ବିନ୍ ଫୁହେରାଙ୍କ ଶହିଦ୍ ହେବା ଘଟଣାର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି- ଇସଲାମ ତରବାଲର ବଳରେ ବିଜୟୀ ହୋଇନାହିଁ ବରଂ ଇସଲାମ ଏହି ସର୍ବୋଚ୍ଚ ସ୍ତରର ଶିକ୍ଷା ମାଧ୍ୟମରେ ବିଜୟ ପ୍ରାପ୍ତି କରିଛି ଯାହାକି ହୃଦୟରେ ଧସି ହୋଇ ଯାଉଥିଲା ଏବଂ ଆଚରଣରେ ଏକ ସର୍ବୋଚ୍ଚ ସ୍ତରର ପରିବର୍ତ୍ତନ ସୃଷ୍ଟି କରିଦେଇଥିଲା । ଜଣେ ସାହାବି କୁହନ୍ତି ମୋର ମୁସଲମାନ ହେବାର କାରଣ ଏହା ଥିଲା କି ମୁଁ ଏକଦା ସେହି ଗୋଷ୍ଠୀର ଅତିଥି ହୋଇଥିଲି ଯେ ବିଶ୍ୱାସଘାତକ ଓ କପଟରେ ମୁସଲମାନମାନଙ୍କ ୭୦ଜଣ କାରୀଙ୍କୁ (ସୁନ୍ଦର ଭାବରେ କୁରଆନ ପାଠକାରୀ) ଶହିଦ୍ କରିଦେଇଥିଲେ । ଶେଷରେ ଆମିର ବିନ୍ ଫୁହେରା ବର୍ତ୍ତୀ ଯାଇଥିଲେ । ତାଙ୍କୁ ଅନେକ ଲୋକ ମିଳିତ ଭାବରେ ଧରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ବେଶ୍ ତୀବ୍ରତାର ସହ ତାଙ୍କ ଛାତିକୁ ନେଜା ମାରିଲେ । ନେଜା ତାଙ୍କ ଶରୀରରେ ଫୁଟିବାର ଥିଲା କି ତାଙ୍କ ମୁଖରୁ ସଙ୍ଗେସଙ୍ଗେ ଏହି ଶବ୍ଦ ଉଚ୍ଚାରିତ ହେଲା **ଫୁଜ୍‌ତୁ ଓ୍ୱ ରବ୍‌ବୁଲ୍ କାବା** ଅର୍ଥାତ କାବାର ପ୍ରଭୁଙ୍କ ରାଣ ମୁଁ କୃତକାର୍ଯ୍ୟ ହୋଇଗଲି । ଯେତେବେଳେ  ମୁଁ ତାଙ୍କ ମୁଖରୁ ଏହି ଶବ୍ଦ ଶୁଣିଲି ତ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏବଂ ମନେମନେ କହିଲି- **ଏ ବ୍ୟକ୍ତି ନିଜ ପରିବାରବର୍ଗ ନିଜ ସ୍ତ୍ରୀପିଲାଙ୍କ ଠାରୁ ଅନେକ ଦୂରରେ ଏପରି ପରିସ୍ଥିତିରେ କବଳିତ ହୋଇଛି ଏବଂ ନେଜାର ଆଘାତରେ ତାଙ୍କ ଛାତି ଚିରି ହୋଇଯାଇଛି ଏବଂ ମରିବା ସମୟରେ କହୁଅଛି କି କାବାର ପ୍ରଭୁଙ୍କର ରାଣ ମୁଁ ସଫଳ ହୋଇଗଲି** । ମୋ ହୃଦୟରେ ଏହାର ଏଭଳି ପ୍ରଭାବ ପଡ଼ିଲା କି ମୁଁ ନିଷ୍ପତି ନେଲି କି ଏମାନଙ୍କ କେନ୍ଦ୍ରକୁ ଯାଇ ଦେଖିବି ଏବଂ ସ୍ୱୟଂ ଉକ୍ତ ଧର୍ମର ଅଧ୍ୟୟନ କରିବି । ଅତଏବ ମୁଁ ମଦିନାରେ ପହଁଚିଲି ଓ (ସେମାନଙ୍କ ଆମଲ ଦେଖି) ମୁସଲମାନ ହୋଇଗଲି ।

ହଜରତ ମୁସଲେହ ମଉଦ ର.ଅ କୁହନ୍ତି-  ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ଜିହାଦରେ ଶହିଦ୍ ହେବାକୁ ପ୍ରକୃତ ସନ୍ତୋଷ ଓ ଉଲ୍ଲାସ ମନେକରୁଥିଲେ । **ଯଦି ଯୁଦ୍ଧରେ ସେମାନଙ୍କୁ କୌଣସି କଷ୍ଟ ସହ୍ୟ କରିବାକୁ ପଡୁଥିଲା ତେବେ ତାହାକୁ ସେମାନେ କଷ୍ଟ ମନେକରୁନଥିଲେ ବରଂ ସୁଖ ମଣୁଥିଲେ** । ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଅତ୍ୟନ୍ତ ଭାଗ୍ୟବାନ ସେହିମାନେ, ବିଶେଷ କରି ହଜରତ ଆମିର ବିନ୍ ଫୁହେରା ଯାହାଙ୍କୁ ହଜରତ ଅବୁବକର ଓ ମହାପୁରୁଷ ହଜରତ ମହମ୍ମଦ ସ.ଆଙ୍କ ସେବା ଓ ଆପଣଙ୍କ ସାଥିରେ ହିଜରତ୍ କରିବାର ସୌଭାଗ୍ୟ ପ୍ରାପ୍ତି ହେଲା । ଏମାନେ ବିଶ୍ୱସ୍ତତାର ପ୍ରତିମୂର୍ତ୍ତୀ ଥିଲେ, ଯେ ସମସ୍ତ ପ୍ରକାର ପରିସ୍ଥିତିରେ ବିଶ୍ୱସ୍ତତା ପ୍ରଦର୍ଶନ କଲେ । ଅଲ୍ଲାଃତାଲା ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରିଚାଲନ୍ତୁ ।